# NATIONAL NEWS BULLETIN (ODIA)

## 26 September - 2025

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ଖାଦ୍ୟ ସୁରକ୍ଷାରେ ଭାରତ ଦୃଢ଼ ଭାବରେ ନିଜର ଭୂମିକା ନିର୍ବାହ କରୁଛି, କହିଲେ ପ୍ରଧାନମନ୍ତ୍ରୀ ।

- ସୋନମ୍ ୱାଙ୍ଗ୍‌ଚୁଙ୍କ ବେସରକାରୀ ସଂଗଠନର ପ୍ରମାଣପତ୍ରକୁ ରଦ୍ଦ କଲା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ।

- ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦ୍ୱାରା ସରଳ ହୋଇଛି ପରୋକ୍ଷ ଟିକସ ବ୍ୟବସ୍ଥା ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଫାଇନାଲ୍‌ରେ ପହଞ୍ଚିଲା ପାକିସ୍ତାନ ।

– ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ପିଏମ୍-ୱାର୍ଲ୍ଡ ଫୁଡ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ନିବେଶକତାମାନେ ଭାରତରେ ବିଶେଷ କରି ଖାଦ୍ୟ କ୍ଷେତ୍ରରେ ନିବେଶ କରିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି । ଗତକାଲି ନୂଆଦିଲ୍ଲୀରେ ବିଶ୍ୱ ଖାଦ୍ୟ ଭାରତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ଦୃଢ଼ ଚାହିଦା ଭାରତକୁ ଏକ ପ୍ରତିଯୋଗିତା ମୂଳକ ସ୍ଥିତି ପ୍ରଦାନ କରିଛି, ଫଳରେ ନିବେଶକମାନେ ଏଥିଲାଗି ଆଗ୍ରହ ପ୍ରକାଶ କରୁଛନ୍ତି ।ଏକବିଂଶ ଶତାବ୍ଦୀର ଆହ୍ୱାନ ଗୁଡ଼ିକୁ ସ୍ୱୀକାର କରି ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱରେ ଯେତେବେଳେ କୌଣସି ଅନିଶ୍ଚିତତା ଦେଖାଦେଇଛି ସେତେବେଳେ ଭାରତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିଛି । ବିଶ୍ୱ ଖାଦ୍ୟ ସୁରକ୍ଷାରେ ଫସଲ ସଂକଟ ହେଉ କିମ୍ବା ଯୋଗାଣ ଶୃଙ୍ଖଳ ହେଉ, ପ୍ରତ୍ୟେକଟି କ୍ଷେତ୍ରରେ ଭାରତ ଦୃଢ଼ ଭାବରେ ନିଜର ଭୂମିକା ନିର୍ବାହ କରିଛି ।

**V/O-PM Global Food**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ଭାବେ ଉଭା ହୋଇଛି । ଦେଶରେ ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ଅନେକ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାରତରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିଛନ୍ତି । ଦେଶର କ୍ଷୁଦ୍ର ଚାଷୀମାନେ ଏବେ

ପ୍ରଯୁକ୍ତିବିଦ୍ୟା, ଇ-ବାଣିଜ୍ୟ, ଏ.ଆଇ., ବିକଶିତ ଯୋଗାଣ ଶୃଙ୍ଖଳ ପ୍ରୟୋଗ କରି ଗ୍ରାମୀଣ ଅର୍ଥନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛନ୍ତି ।

**V/O-PM Third**

ଏହି ଚାରି ଦିନିଆ କାର୍ଯ୍ୟକ୍ରମରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ, ସ୍ଥାୟୀତ୍ୱ ଏବଂ ପୁଷ୍ଟିକର ଜୈବିକ ଖାଦ୍ୟ ଉତ୍ପାଦନ ଉପରେ ପ୍ରଦର୍ଶନ କରାଯାଉଛି ।

# ପିଏମ୍-ବିହାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସି ଜରିଆରେ ବିହାରରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ବିହାରର ୭୫ ଲକ୍ଷ ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଧାନମନ୍ତ୍ରୀ ସିଧାସଳଖ ୧୦ ହଜାର ଟଙ୍କା ପଠାଇବେ । ସୂଚନା ଅନୁଯାୟୀ ବିହାରର ମହିଳାମାନଙ୍କୁ ଆତ୍ମନିର୍ଭର କରି ଜୀବିକା ନିର୍ବାହର ସୁଯୋଗ ମାଧ୍ୟମରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ସହ ମହିଳା ହିତାଧିକାରୀମାନଙ୍କୁ ସାମିଲ କରି ସେମାନଙ୍କୁ ଆର୍ଥିକ ସହାୟତା ସହ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହାଦ୍ୱାରା ମହିଳାମାନେ ଉଭୟ ଆର୍ଥିକ ଏବଂ ସାମାଜିକ ଭାବେ ସଶକ୍ତ ହୋଇପାରିବେ ବୋଲି କୁହାଯାଉଛି ।

# ହୋମ୍ ମିନିଷ୍ଟ୍ରି–ସୋନମ୍ ଓ୍ୱାଙ୍ଗ୍‌ଚୁକ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋନମ୍ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ବେସରକାରୀ ସଂଗଠନର ଏଫ୍.ସି.ଆର୍.ଏ. ପ୍ରମାଣପତ୍ରକୁ ରଦ୍ଦ କରିଛନ୍ତି । ସୂଚନା ଅନୁଯାୟୀ ୨୦୨୧-୨୨ ବର୍ଷରେ ସୋନମ ଓ୍ୱାଙ୍ଗ୍‌ଚୁକ୍ ସେହି ଏନ୍.ଜି.ଓ.ର ଏଫ୍.ସି.ଆର୍.ଏ. ଆକାଉଣ୍ଟରେ ୩ଲକ୍ଷ ୫୦ ହଜାର ଟଙ୍କାର ଜମା କରିଥିଲେ । ଯାହା ବିଦେଶୀ ଅନୁଦାନ ଆଇନ୍‌ର ଉଲ୍ଲଙ୍ଘନ କରୁଛି । ଅନ୍ୟ ପକ୍ଷରେ ଜଣେ ସୁଇଜଣଲାଣ୍ଡର ନାଗରୀକଙ୍କଠାରୁ ପ୍ରବାସନ, ଜଳବାୟୁ ପରିବର୍ତ୍ତନ, ସାର୍ବଭୌମତ୍ୱ ଏବଂ ଖାଦ୍ୟ ସୁରକ୍ଷା ଭଳି ପ୍ରସଙ୍ଗରେ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ୪ ଲକ୍ଷ ୯୩ ହଜାର ୨୦୫ ଟଙ୍କା ଗ୍ରହଣ କରିଥିଲେ । ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଦେଶର ସାର୍ବଭୌମତ୍ୱ ଉପରେ ଅଧ୍ୟୟନ ଲାଗି କୌଣସି ବିଦେଶୀ ଅର୍ଥ ଗ୍ରହଣ କରାଯାଇପାରିବ ନାହିଁ । ଏହି ଆଇନ୍‌ର ଧାରା ୮, ୧୭, ୧୮, ୧୯ ଅନୁଯାୟୀ ଏଫ୍.ସି.ଆର୍.ଏ. ପ୍ରମାଣପତ୍ର ରଦ୍ଦ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଏମ୍‌ଇଏ–ଆଫ୍‌ଗାନିସ୍ତାନ

ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ରିଲିଫ୍ ସାମଗ୍ରୀ ବୋଝେଇ ତିନୋଟି କଣ୍ଟେନର ଚବାହାର ବନ୍ଦର ଦେଇ ଆଫ୍‌ଗାନିସ୍ତାନର କାବୁଲ୍‌ରେ ପହଞ୍ଚିଛି ଏବଂ ଗତକାଲି ଆଫ୍‌ଗାନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ସମ୍ପ୍ରତି ଭୂମିକମ୍ପ ପରେ ଆଫ୍‌ଗାନିସ୍ତାନକୁ ମାନବୀୟ

ସହାୟତା ଜାରି କରିବା ଲାଗି ଭାରତ ଏହି ସହାୟତା ପ୍ରଦାନ କରିଛି । ରିଲିଫ୍ ସାମଗ୍ରୀରେ ଖାଦ୍ୟ ସାମଗ୍ରୀ, ଜଳ ବିଶୋଧକ, ପ୍ରୋଟିନ୍ ପାଉଡର୍, ଟିଣ ଚାଦର, ସୋଇବା ବ୍ୟାଗ୍, ସ୍ୱଚ୍ଛତା କିଟ୍, ଜଳ ସଂରକ୍ଷଣ ଟ୍ୟାଙ୍କ୍, ଜେନେରେଟର ସେଟ୍, ଅତ୍ୟାବଶ୍ୟକ ଔଷଧ ପ୍ରଭୃତି ରହିଛି ।

## ଜିଏସ୍‌ଟି-ରିଫର୍ମସ୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶରେ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିଛି । ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସହାର ମାଧ୍ୟମରେ ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ, ଦୁଇ ଥାକିଆକୁ ପରିବର୍ତ୍ତନ କରିଛି । ପୂର୍ବରୁ ଥିବା ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ସାମଗ୍ରୀ ଓ ସେବାକର ପରିଷଦ ଦ୍ୱାରା ସାଧାରଣ ଲୋକଙ୍କୁ ଲାଭ ଦେବା ଏବଂ ବିଭିନ୍ନ ଶିଳ୍ପ, କୃଷକ, କୃଷି କ୍ଷେତ୍ର ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଟିକସ ହାରକୁ ସରଳୀକରଣ କରିଛି । ଅତ୍ୟଧିକ ଉଚ୍ଚ ତାପମାତ୍ରାରେ ପ୍ରସ୍ତୁତ କ୍ଷୀର, ଛେନା, ପନିର, ପିଜା ବ୍ରେଡ୍ ଏବଂ ଚପାତି ଉପରୁ ଜି.ଏସ୍.ଟି. ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ସେହିପରି କୃଷି କ୍ଷେତ୍ର

ଲାଗି ଟ୍ରାକ୍ଟର, ଅମଳ ମେସିନ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ୩୫୦ ସି.ସି. ପର୍ଯ୍ୟନ୍ତ ଦୁଇ ଚକିଆ ଯାନ ଉପରେ ଜି.ଏସ୍.ଟି. ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ନିମ୍ନ ମଧ୍ୟବିତ୍ତ ପରିବାର, ବୃତ୍ତିଗତମାନଙ୍କ ପାଇଁ ଏହା ଲାଭଦାୟକ ସାବ୍ୟସ୍ତ ହୋଇଛି । ଚଳିତ ମାସ ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନାଗରିକମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସ୍ୱଦେଶୀ ସାମଗ୍ରୀ ବ୍ୟବହାର କଲେ ଦେଶର ଶିଳ୍ପ, କ୍ଷୁଦ୍ର ନିର୍ମାତା, ଉତ୍ପାଦନକାରୀ, ସ୍ଥାନୀୟ କାରିଗର ଏବଂ ଏମ୍.ଏସ୍.ଏମ୍.ଇ.ର ବିକାଶ ଘଟିବ ।

## ନ୍ୟାସନାଲ୍-ୱାଟର ସିକ୍ୟୁରିଟି

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ମିଳିତ ଭାବରେ ନୂଆଦିଲ୍ଲୀରେ ଜଳସୁରକ୍ଷା ଉପରେ ଜାତୀୟ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ମନରେଗା ଅଧୀନରେ ପ୍ରଦାନ କରାଯାଉଥିବା ପାଣ୍ଠିର ଏକ ନିର୍ଦ୍ଦିଷ୍ଟ ଅଂଶ ବାଧ୍ୟତାମୂଳକ ଭାବେ ଜଳ ସଂରକ୍ଷଣ କାର୍ଯ୍ୟ ପାଇଁ ଖର୍ଚ୍ଚ କରାଯିବ । ସେ କହିଛନ୍ତି, ଅତ୍ୟଧିକ ଜଳକ୍ଲିଷ୍ଟ ଅଞ୍ଚଳରେ ମନରେଗା ପାଣ୍ଠିର ୬୫ ପ୍ରତିଶତ ଏବଂ ଅନ୍ୟାନ୍ୟ

ସ୍ଥାନମାନଙ୍କରେ ୪୦ ପ୍ରତିଶତ ପାଣ୍ଠି ଖର୍ଚ୍ଚ କରାଯିବ । ଏହାଦ୍ୱାରା ଭବିଷ୍ୟତପିଢ଼ି, ପଶୁପାଳନ, ବନ୍ୟପ୍ରାଣୀ, ପରିବେଶ ଏବଂ କୃଷି କାର୍ଯ୍ୟକୁ ସହାୟତା ମିଳିପାରିବ ।

**V/O-Shivraj Singh**

ଏହି ଅବସରରେ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳସଂରକ୍ଷଣକୁ ପ୍ରାଥମିକତା ଦେଉଛନ୍ତି ଏବଂ ଏହି ନିଷ୍ପତ୍ତି ଫଳରେ ଜଳ ସୁରକ୍ଷା ଓ ଗ୍ରାମୀଣ ବିକାଶକୁ ଗତି ମିଳିବ ।

# ଜୟଶଙ୍କର-ଓଆର୍ଏଫ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ବିଶ୍ୱ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ବେଳେ ଆତ୍ମନିର୍ଭରଶୀଳତା, ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷିଣ-ଦକ୍ଷିଣ ମଧ୍ୟରେ ସହଯୋଗ ଆରମ୍ଭ ହୋଇଛି । ଗତକାଲି ନ୍ୟୁୟର୍କର ବାର୍ଷିକ ଓ.ଆର୍.ଏଫ୍. ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏଭଳି ଏକ ବିଶ୍ୱସ୍ତରୀୟ କର୍ମଶକ୍ତିର ଉଦୟ ହେବାକୁ ଯାଉଛି, ଯାହା ସମସାମୟିକ ଆବଶ୍ୟକତା ସହିତ ଜଡ଼ିତ ରହିବ । ସେ କହିଛନ୍ତି, ବାଣିଜ୍ୟ ଶୁଳ୍କ ଏବଂ ଅଣଶୁଳ୍କ ପ୍ରତିବନ୍ଧକକୁ ଦୂର କରିବାର ଉପାୟ ଖୋଜା ଚାଲିଛି ଏବଂ ଆଗାମୀ

ଦିନରେ ଏହାକୁ ଆଧାର କରି ବିଶ୍ୱରେ ନୂତନ ବାଣିଜ୍ୟିକ ବ୍ୟବସ୍ଥା ସୃଷ୍ଟି ହେବ ।

## ଅମିତା ଶାହା–କୋଲକାତା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କୋଲକାତାରେ ତିନୋଟି ଦୁର୍ଗା ପୂଜା ମଣ୍ଡପର ଉଦ୍‌ଘାଟନ କରିବେ । କୋଲକାତାର ଲେବୁତାଲା ଠାରେ ସନ୍ତୋଷ ମିତ୍ର ସ୍କୋୟାର୍ ଦୁର୍ଗାପୂଜା ପେଣ୍ଡାଲକୁ ଶ୍ରୀ ଶାହା ଉଦ୍‌ଘାଟନ କରିବେ । ଏହି ପୂଜା ମଣ୍ଡପରେ ଚଳିତ ବର୍ଷ ଅପରେସନ୍ ସିନ୍ଦୂର ଉପରେ ଆଧାରିତ ସାଜସଜ୍ଜା କରାଯାଇଛି । ଏହା ବ୍ୟତୀତ ସେବକ ସଂଘ ଦୁର୍ଗାପୂଜା ମଣ୍ଡପ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ସଟ୍ ଲେକ୍ ଦୁର୍ଗା ପୂଜା ମଣ୍ଡପର ମଧ୍ୟ ଶ୍ରୀ ଶାହା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ଏସିଆକପ୍ କ୍ରିକେଟ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପାକିସ୍ତାନ ପହଞ୍ଚିଛି । ଗତକାଲି ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ପାକିସ୍ତାନ ୧୧ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଆସନ୍ତା ରବିବାର ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ

ପାକିସ୍ତାନ ମୁହାଁମୁହିଁ ହେବେ । ଏସିଆ କପ୍‌ରେ ପ୍ରଥମଥର ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲିର ଖେଳରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ବିନିମୟରେ ୧୩୫ରନ୍‌ର ସ୍କୋର କରିଥିଲା । ଏହାର ଜବାବରେ ବାଂଲାଦେଶ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୨୪ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଆଜି ସୁପର୍ ଫୋର୍ ପର୍ଯ୍ୟାୟରେ ଦୁବାଇଠାରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।